## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

**ଜମନକିରା,୪।୧୧(ଡି.ଏନ.ଏ.):** ଜମନକିରା ଥାନା ବଡ଼ମାଲ ପଞ୍ଚାୟତ ନୂଆଡିହି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶିକେଶନ ବରର୍ତ୍ତି (୫୦)। ସୂଚନା ଅନୁଯାୟୀ, ବିଶିକେଶନ ଅପରାହ୍ନରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ କୌଣସି କାରଣରୁ ସେ ଗଭୀର ପାଣି ବୁଡ଼ି ପ୍ରାଣ ହରାଇଥିଲେ। ଗାଁ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ବିଶିକେସନଙ୍କ ସ୍ତ୍ରୀ, ପୁଅ ଓ ଝିଅ ଅଛନ୍ତି।

### ଟ୍ରକ୍ ଧକ୍କାରେ ଟ୍ରାକ୍ଟର ଚାଳକ ଆହତ

**ସମ୍ବଲପୁର,୪।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଛକରେ ଏକ ଟ୍ରକ୍ ଧକ୍କାରେ ଟ୍ରାକ୍ଟର ଚାଳକ ତଥା ମାଲିକ ଋଷି ମୁଣ୍ଡା ଆହତ ହୋଇଛନ୍ତି। ପୋଲିସ ଟ୍ରାକ୍ଟର ଓ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଓଡି୧୯ଜେ ୧୭୯୭ନଂ. ଟ୍ରକ୍ ସମ୍ବଲପୁର ପଟରୁ ରେଢ଼ାଖୋଲ ଯାଉଥିଲା। ଏହି ସମୟରେ ୫୫ନଂ.ଜାତୀୟ ରାଜପଥରୁ ଯୁଯୁମୁରା ଯାଉଥିବା ଟ୍ରାକ୍ଟର ସହ ଧକ୍କା ହୋଇଥିଲା।

### ମହିଳା ଫରେଷ୍ଟ ଗାର୍ଡଙ୍କୁ ଧମକ: ଅଭିଯୁକ୍ତ ଗିରଫ

**ସମ୍ବଲପୁର,୪।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ସଦର ରେଞ୍ଜ ଝାଙ୍କରପାଲି ଫରେଷ୍ଟ ବିଟର କାର୍ଯ୍ୟରତ ମହିଳା ଫରେଷ୍ଟଗାର୍ଡ ଉଷାବତୀ ବେହେରାଙ୍କୁ ହତ୍ୟା ଧମକ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାରକରି ଯୁଯୁମୁରା ପୋଲିସ ଡୁଡୁକାକୁଦ ଗ୍ରାମର ସୁବାସ ମିର୍ଦ୍ଧାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ କେସ୍ ନଂ.୧୬୮/୨୨ରେ ମାମଲା ରୁଜୁ ହୋଇଛି ବୋଲି ଯୁଯୁମୁରା ଥାନାଧିକାରୀ ରାଜକୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ସେ କହିଥିଲେ, ଡୁଡୁକାକୁଦ ଗ୍ରାମ ନିକଟରେ ମାଟି ଖୋଳାଯିବା ନେଇ ଫରେଷ୍ଟଗାର୍ଡ ସୂଚନା ପାଇ ଫରେଷ୍ଟଗାର୍ଡ ବେହେରା ପହଞ୍ଚିଥିଲେ। ମାଟି ଖୋଳିବା ପାଇଁ ଚିହ୍ନଟ ହୋଇଥିବା ଜମି କିସମ ଯାଞ୍ଚ କରୁଥିଲେ। ଏହି ସମୟରେ ସୁବାସ ପହଞ୍ଚି ଗାଳିଗୁଲଜ କରିବା ସହ ଘଟଣାସ୍ଥଳରୁ ଚାଲିଯିବାକୁ କହିଥିଲେ। ଏପରି କି ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଉଷାବତୀ ଅଭିଯୋଗ କରିଥିଲେ।

### ସ୍ନାତକ କଲେଜରେ ସ୍ୱାଗତ ଉତ୍ସବ

**ନାକଟିଦେଉଳ,୪।୧୧(ଡ଼ି.ଏନ.ଏ.):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରବାର ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବୈଜ୍ଞାନିକ ଶେଷଦେବ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀ ରଇବାରୀ ମେଣ୍ଟୁଲି ପ୍ରାରମ୍ଭିକ ସୂଚନା ଓ ଛାତ୍ର ମାନସ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଛାତ୍ରୀ ଶୁଭଜିତ ଦେହୁରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଇଏସ୍ଆଇସିକୁ ଜମି ଯୋଗାଇବାରେ ବିଳମ୍ବ ନେଇ କ୍ଷୋଭ

**ଝାରସୁଗୁଡ଼ା ଅଫିସ,୪।୧୧:** ଝାରସୁଗୁଡ଼ାରେ କେନ୍ଦ୍ର ସରକାରଙ୍କ ତରଫରୁ ୧ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ ନିର୍ମାଣ କରାଯିବା। ଜମି ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ଇଏସ୍ଆଇସି ତରଫରୁ ନିବେଦନ କରାଯାଇଥିଲା। ହେଲେ ସରକାର ଜମି ଯୋଗାଇବାରେ ବିଳମ୍ବ ନେଇ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଅକ୍ଟୋବର ୧୦ରେ ଇଏସ୍ଆଇସି ତରଫରୁ ଝାରସୁଗୁଡ଼ା ବାଇପାସ୍‌ଠାରେ ଇଡ୍‌କୋ ଅଧୀନରେ ଥିବା ୫ ଏକର ଜମି ଯୋଗାଇ ଦେବା ପାଇଁ ଆବେଦନ କରାଯାଇଛି। ଏ ନେଇ ଇଏସ୍ଆଇସି କର୍ତ୍ତୃପକ୍ଷଙ୍କ ସହିତ ଭାଜପା ନେତୃବୃନ୍ଦ ଉକ୍ତ ଅଞ୍ଚଳ ଗସ୍ତ କରି ଜମି ନିରୀକ୍ଷଣ କରିଥିଲେ। ଏହି ଜମି ହସ୍ପିଟାଲ ପାଇଁ ଉପଯୁକ୍ତ ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ଇଏସ୍ଆଇସିକୁ ହସ୍ତାନ୍ତର କରିବା ପାଇଁ ଭାଜପା ନେତା ତ୍ରିପାଠୀ ଅନୁରୋଧ କରିଛନ୍ତି। ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ପ୍ରେମସେନ ରାୟ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ତ୍ରିନାଥ ଗୁଆଲ, ପୁରୁଷୋତ୍ତମ ଥିରାନି, ମନୋଜ କଲେତ, ଝସକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମାଣିତ ହେଲେ ସିଲ୍ ହେବ: ସିଡିଏମ୍ଓ

**ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଲିଙ୍ଗ ନିରୂପଣ, ଭ୍ରୁଣ ହତ୍ୟା ଅଭିଯୋଗ**

**ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ**

**ସମ୍ବଲପୁର,୪।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାର କେତେକ ଅଲଟ୍ରାସାଉଣ୍ଡ କେନ୍ଦ୍ର ସ୍ୱାସ୍ଥ୍ୟବିଭାଗ ଓ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ପରିଚାଳିତ ହେଉନାହିଁ। ରେଢ଼ାଖୋଲରେ ଥିବା ଦୁଇଟି କେନ୍ଦ୍ର ନାମରେ ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ସେଠାରେ ଲିଙ୍ଗ ନିରୂପଣ ଓ ଭ୍ରୁଣହତ୍ୟା କରାଯାଉଥିବା ଅଭିଯୋଗ ହେବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ସିଡିଏମ୍ଓ ଡା. ପଙ୍କଜ ପଟେଲ କହିଛନ୍ତି। ସେ ଆହୁରି କହିଥିଲେ, ଉଭୟ କ୍ଲିନିକ ନାମରେ ମୋ ପାଖରେ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ପାଇଁ ନୋଡାଲ ଅଫିସର ନିଯୁକ୍ତି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ତଦନ୍ତ ସରିଛି। ଅନ୍ୟାନ୍ୟ ଦିଗର ତଦନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ। ରିପୋର୍ଟ ମିଳିବା ପରେ ଜିଲା ପ୍ରଶାସନ ପାଖରେ ଦାଖଲ କରାଯିବ। ଜିଲାପାଳ କମିଟିର ଅଧକ୍ଷା ରହିଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଲେ କ୍ଲିନିକ ସିଲ୍ କରାଯିବ ବୋଲି ସେ କହିଥିଲେ। ସେହିପରି ଜିଲାପାଳ ଅନନ୍ୟା ଦାସ କହିଛନ୍ତି, ରେଢ଼ାଖୋଲ ଉପଜିଲାପାଳଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ତଦନ୍ତ କରାଯାଉଛି। ରିପୋର୍ଟ ହସ୍ତଗତ ହେବାପରେ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ରେଢ଼ାଖୋଲର ନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିରେନ୍ଦ୍ର ମହାନ୍ତିଙ୍କ ଅଭିଯୋଗକ୍ରମେ ପ୍ରାୟ ୧୨ବର୍ଷରୁ ଉର୍ଦ୍ଧ୍ୱ ହେବ ରେଢ଼ାଖୋଲରେ ମାହେଶ୍ୱରୀ ଅଲଟ୍ରାସାଉଣ୍ଡ କ୍ଲିନିକ ଖୋଲା ହୋଇଛି। ଜଣେ ଡାକ୍ତର ଏହି କେନ୍ଦ୍ର ପରିଚାଳନା କରିବା ପାଇଁ ଅନୁମୋଦିତ ହୋଇଛନ୍ତି। ହେଲେ ସେ ରାଜ୍ୟ ବାହାରେ କାର୍ଯ୍ୟ କରୁଛନ୍ତି। ଅନଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ଏହି କେନ୍ଦ୍ର ପରିଚାଳିତ ହେଉଛି। ଫଳରେ ଗର୍ଭବତୀ ମହିଳା ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲିଙ୍ଗ ନିରୂପଣ ଓ ଭ୍ରୁଣହତ୍ୟା କରାଯାଉଥିବା ଶୁଣିବାକୁ ମିଳେ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଅନ୍ୟପଟେ ବେହେରା ଅଲଟ୍ରାସାଉଣ୍ଡ କ୍ଲିନିକ ନାମରେ ମଧ ସେମାନେ ସମାନ ଅଭିଯୋଗ ଆଣିଛନ୍ତି। ଏହି କ୍ଲିନିକରେ ଅନୁବନ୍ଧିତ ଥିବା ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ଅନଭିଜ୍ଞ କର୍ମଚାରୀମାନେ ଅଲଟ୍ରାସାଉଣ୍ଡ ମେଶିନ ପରିଚାଳନା କରୁଛନ୍ତି। ପ୍ରାୟ ଏକସପ୍ତାହ ହେବ ଏହାକୁ ନେଇ ସ୍ଥାନୀୟ ବ୍ୟକ୍ତି ଓ ମହିଳାମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ନୋଡାଲ ଅଫିସର ଡା. ଭରତ ଚନ୍ଦ୍ର ଦାସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଅଭିଯୋଗକାରୀଙ୍କ ସମ୍ପର୍କରେ ଠିକ୍ ତଥ୍ୟ ନ ମିଳିବାରୁ ଫେରିଆସିଛନ୍ତି। ହେଲେ ବେହେରା ଅଲଟ୍ରାସାଉଣ୍ଡ କ୍ଲିନିକରେ ଆବଶ୍ୟକ ପ୍ରମାଣପତ୍ର ଠିକ୍ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଶୀଘ୍ର କାଗଜପତ୍ର ଠିକ୍‌କରି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବାଙ୍କଟାଲରୁ ଲଙ୍କେଶ୍ୱରୀ ରାସ୍ତା ନିର୍ମାଣ ଦାବି



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଜମନକିରା,୪।୧୧(ଡି.ଏନ.ଏ.)**

ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଲଙ୍କେଶ୍ୱରୀ ଗ୍ରାମବାସୀ ବାଙ୍କଟାଲରୁ ତାଙ୍କ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ବିଡ଼ିଓଙ୍କଠାରେ ଦାବି କରିଛନ୍ତି। ସୂଚନା ଅନୁସାରେ, ଏହି ଗ୍ରାମରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଲଙ୍କେଶ୍ୱରି ଗ୍ରାମରୁ ବାଙ୍କଟାଲ ପର୍ଯ୍ୟନ୍ତ ପ୍ରାୟ ୧କିମି ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଫଳରେ ଯିବାଆସିବା ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ଟୁନୁ ମେହେର ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।

# ୨୪୦ ପରିବାରକୁ ଶହେଦିନର କାମ ଦିଆଯାଇଛି




ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି**

**ନାକଟିଦେଉଳ,୪।୧୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ଯୋଗଦେଇ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଢାଖୋଲ ସହକାରୀ ଉପଜିଲାପାଳ ପ୍ରିତୀଶ ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ଯୋଜନାର ସମ୍ବଲପୁର ଜିଲା ଲୋକପାଳ ବ୍ରଜେନ୍ଦ୍ର କୁମାର ପଣ୍ଡା, ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁବାସ ବେହେରା ଗତ ବର୍ଷର ବିବରଣୀ ପାଠ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୪ଟି ଯାକ ପଞ୍ଚାୟତରେ ୪୩୮ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସେଥିମଧ୍ୟରୁ ୩୦ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୪୦୮ଟିର କାର୍ଯ୍ୟ ଚାଲୁରହିଛି। ୧୩୨୩୮ଟି ପରିବାରକୁ ଜବ୍‌କାର୍ଡ଼ ଯୋଗାଇ ଦିଆଯାଇଥିବା ବେଳେ ସେଥିରୁ ୭୪୧୬ ପରିବାର କାମ ପାଇଁ ଆବେଦନ କରିଥିଲେ। ତେବେ ଏହି ଆର୍ଥିକବର୍ଷରେ ସମୁଦାୟ ୨ଲକ୍ଷ ୬୬ହଜାର ୮୨୯ଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ସେଥିମଧ୍ୟରୁ ସମୁଦାୟ ୨୪୦ପରିବାରକୁ ଶହେଦିନର କାମ ଯୋଗାଇ ଦିଆଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଖଳାଶୁଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ଅଫିସର ରବିନ କିସ୍ପୁ, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ପଦ୍ମାବତୀ ହାଂସଦାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଗାଁ ସାଥୀ, ଜିଆରଏସ୍‌ମାନେ ଉପସ୍ଥିତ ଥିଲେ।

# ରିୱାର୍ଡ ଓଡ଼ିଶା କର୍ମଶାଳା

**ସମ୍ବଲପୁର,୪।୧୧(ବ୍ୟୁରୋ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଶୁକ୍ରବାର ରିୱାର୍ଡ ଓଡିଶା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଜାତୀୟ ମୃତ୍ତିକା ସର୍ବେକ୍ଷଣ ଓ ଭୂ-ଉପଯୋଗ ଯୋଜନା ସଂସ୍ଥାନ ଆଞ୍ଚଳିକ କେନ୍ଦ୍ର କଲିକତା ନିର୍ଦ୍ଦେଶକ ଡ଼. ବିପି ଭାସ୍କର, ରିୱାର୍ଡର ବରିଷ୍ଠ ପରାମର୍ଶଦାତା ଡ଼. ଏ. ନଟରାଜନ, ଓଡିଶା ସରକାରଙ୍କ ଡିଏସସିଡବ୍ଲ୍ୟୁଡିର ଯୁଗ୍ମ ନିର୍ଦ୍ଦେଶକ ଡ଼. ଏସ୍‌କେ ଖରୁଆ, ରିୱାର୍ଡର ପ୍ରକଳ୍ପ ଲିଡର ଡ଼. ଏସ୍ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ୪ ଦିନ ଧରି କର୍ମଶାଳା ଚାଲିବ। ପ୍ରଥମ ଦିନରେ କର୍ମଶାଳାର ଆୟୋଜନର ଉଦ୍ଦେଶ୍ୟ ସଂକ୍ରାନ୍ତରେ ଅତିଥିମାନେ ସୂଚନା ଦେଇଥିଲେ। ଶନିବାରଠାରୁ ଯୁଯୁମୁରାଠାରେ କ୍ଷେତ୍ରସ୍ତରୀୟ ତାଲିମ ପ୍ରଦାନ କରାଯିବ। ମାଟି ସମ୍ବନ୍ଧରେ ଭରପୁର ଜ୍ଞାନ ରହିବା ସହ ମାଟିକୁ ସଠିକ ଭାବରେ ଉପଯୋଗ କରାଯାଇପାରିବ ସେଥିପାଇଁ ବିଶ୍ୱ ବ୍ୟାଙ୍କ ଏବଂ ଓଡିଶା ସରକାରଙ୍କ ସହଭାଗିତାରେ ଏହି ପାଇଲଟ ପ୍ରକଳ୍ପ ଓଡିଶାରେ ଆରମ୍ଭ କରାଯାଇଛି।



ଉଦ୍‌ଘାଟନୀ ଉତ୍ସବରେ ଅତିଥି ।

## ହରିଓଁପଡ଼ାବାସୀଙ୍କ ଜବରଦଖଲ ଉଚ୍ଛେଦ ଦାବି

**ସମ୍ବଲପୁର,୪।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଗୋବିନ୍ଦଟୋଲା ହରିଓଁ ପଡ଼ାବାସୀ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ଜଣେ ମହିଳା ପ୍ରାୟ ୧୫ଡେସିମିଲ ସରକାରୀ ଜମି ଜବରଦଖଲ କରିଛନ୍ତି । ପଡ଼ାର ସାମୂହିକ କାର୍ଯ୍ୟ ତଥା ଅଙ୍ଗନୱାଡ଼ି କେନ୍ଦ୍ର, ପାର୍କ, ଯୋଗ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଉଥିଲେ ମଧ ଜବରଦଖଲକାରୀ ଏହାକୁ ବିରୋଧକରି ବନ୍ଦ କରିଦେଉଛନ୍ତି। ଏହାକୁ ନେଇ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୨ ତାରିଖରେ ଉଚ୍ଛେଦ ପାଇଁ ସଦର ଅତିରିକ୍ତ ତହସିଲଦାର ଓ ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚିଥିଲେ। କିଛି ସମୟ ପରେ ଜେସିବି ଆସିପାରିଲା ନାହିଁ କହି ଅଧିକାରୀ ଓ କର୍ମଚାରୀ ଫେରି ଆସିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଖୁବଶୀଘ୍ର ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ଦାବି କରିଛନ୍ତି। ହେମନ୍ତ କୁମାର ମହାନ୍ତି, ଲଳିତ କୁମାର ପ୍ରଧାନ, ଉଗ୍ରେସନ ପୋଡ଼, ସୂର୍ଯ୍ୟକାନ୍ତ ସାହୁ, ରୁଦ୍ର ଷଡ଼ଙ୍ଗୀ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ସ୍ୱତନ୍ତ୍ର ରାଜ୍ୟ ପାଇଁ ରହିଛି ସମସ୍ତଙ୍କ ସମର୍ଥନ

**ସମ୍ବଲପୁର,୪।୧୧(ବ୍ୟୁରୋ)**

ପଶ୍ଚିମ ଓଡିଶାବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୂଳ ଲକ୍ଷ୍ୟ। ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରାର ପ୍ରଚାର ପ୍ରସାର କରିବା, ମାଟିର ବୀରପୁତ୍ରଙ୍କୁ ସମ୍ମାନ ପ୍ରଦାନ ପାଇଁ କାର୍ଯ୍ୟ ଭଳି ଅନେକ କାର୍ଯ୍ୟକ୍ରମ କରିଆସୁଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ଗସ୍ତ କରି ବିଭିନ୍ନ ଅନୁଷ୍ଠାନ ସହିତ ଆଲୋଚନା କରାଯାଇଛି। ଏପରି କି ସମ୍ବଲପୁର ଜିଲାରେ ଏକ ବିରାଟ ସମ୍ମିଳନୀ କରାଯାଇଥିଲା। ଏହି ବୈଠକରେ ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଦାବିକୁ ନେଇ ସମସ୍ତ ଜିଲାର ପ୍ରତିନିଧିଙ୍କ ସମର୍ଥନ ମିଳିଥିଲା ବୋଲି ଶୁକ୍ରବାର ଜିଲା ସାମ୍ବାଦିକ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଦସ୍ୟମାନେ କହିଥିଲେ।




ଖବରଦାତା ସମ୍ମିଳନୀ ସୂଚନା ଦେଉଛନ୍ତି ମଞ୍ଚ କର୍ମକର୍ତ୍ତା।

ଡ. ପ୍ରମୋଦ ରଥ, ମାନସ ବକ୍ସି, ଭବାନି ଶଙ୍କର ଭୋଇ, କାନ୍ତି ମେହେର, ପଙ୍କଜିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଆହୁରି କହିଥିଲେ, ରାଜ୍ୟର ନାମକରଣ, ଭାଷାକୁ ନେଇ କୌଣସି ବିବାଦ କରାଯିବ ନାହିଁ। ପ୍ରଥମେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଲଢ଼େଇ କରାଯିବ। ପରେ ନାମକରଣ ଓ ଅନ୍ୟ ଦାବିଗୁଡ଼ିକ ଉପରେ ବିଚାର କରି ସ୍ଥିର କରାଯିବ। ଖୁବ୍‌ଶୀଘ୍ର ସମସ୍ତ ଜିଲାର ୧୦ଜଣ ଲେଖାଏ ସଦସ୍ୟଙ୍କୁ ନେଇ ଏକ କୋର କମିଟି ଗଠନ କରାଯିବ। କୋର କମିଟି ବୈଠକରେ ସ୍ଥିର ହୋଇଥିବା ବିଷୟବସ୍ତୁକୁ ନେଇ ଏକତା ମଞ୍ଚ ରାଜ୍ୟ ଓ କେନ୍ଦ୍ର ସରକାର ପାଖରେ ଦାବି କରିବ। ନିକଟରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ବିଭାଗୀୟ ମନ୍ତ୍ରୀମାନଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରାଇବାର ଯୋଜନା ରହିଛି। ଜନସମର୍ଥନ ରହିଲେ ଏକତା ମଞ୍ଚର ଆନ୍ଦୋଳନ ସଫଳ ହେବ ବୋଲି ସେମାନେ କହିଥିଲେ।

# ବରିଷ୍ଠ ନାଗରିକଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ରେଢାଖୋଲ,୪।୧୧(ଡି.ଏନ.ଏ.)**

ରେଢାଖୋଲ ସହରର ବରିଷ୍ଠ ନାଗରିକ ଲଳିତ ବାହାଦୁର ସିଂ (୭୨)ଙ୍କୁ ତହସିଲଦାର ଦୁର୍ବ୍ୟବହାର କରିଥିବା ନେଇ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସିଂଙ୍କ ଅଭିଯୋଗକ୍ରମେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ସେ ପୂର୍ବରୁ ଆବେଦନ କରିଥିବା ଡିମାର୍କେସନ କେସ୍ ନଂ.୪୧/୨୨ ବିଳମ୍ବର କାରଣ ସଂକ୍ରାନ୍ତରେ ବୁଝିବାକୁ ତହସିଲଦାରଙ୍କ ଅଫିସକୁ ଯାଇଥିଲେ। ତେବେ ତହସିଲଦାର ତାଙ୍କୁ ଅପେକ୍ଷା କରିବାକୁ କହିଥିଲେ। ବହୁ ସମୟ ଅପେକ୍ଷା ପରେ ସିଂ ତାଙ୍କ ଚାମ୍ବରକୁ ଯାଇ ତାଙ୍କ କଥା ଟିକେ ବୁଝିବାକୁ କହିଥିଲେ। ହେଲେ ତହସିଲଦାର କାହା ଅନୁମତିରେ ମୋ ପାଖକୁ ଆସିଲ, କିଏ ଅଛ ତାଙ୍କୁ ଧକ୍କା ମାରି ବାହାର କରିଦିଅ ବୋଲି କହିଥିଲେ। ଏପରି କି ଯାଉଛୁ ନା ଚାପୁଡ଼ା ମାରି ବାହାର କରିବି ବୋଲି ଅତ୍ୟନ୍ତ କଟୁ ଭାଷାରେ କହିଥିବା ନେଇ ସିଂ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ କିଛିସମୟ ପରେ ତହସିଲଦାର ଡାକି କାଗଜପତ୍ର ଦେବ ସହ ଯିବାକୁ କହିଥିଲେ। ସିଂ ଆହୁରି ମଧ ଅଭିଯୋଗ କରିଛନ୍ତି, ଡିମାର୍କେସନ କେସ୍‌ର ଆବଶ୍ୟକ କାଗଜପତ୍ର ସହ ଦରଖାସ୍ତ କରିଥିଲେ। ପରେ ତହସିଲଦାର ନୋଟିସେ କରି ଆବଶ୍ୟକ ଜମିପଟ୍ଟାର ନକଲ ଦାଖଲ କରିବାକୁ ଜଣାଇବାରୁ ଗତ ୧୨।୮।୨୨ରେ ଦାଖଲ କରିଥିଲେ। ଏଥି ସହିତ ଗତ ୨୦।୯।୨୨ ଓ ୨୬।୧୦।୨୨ରେ ଶୁଣାଣି କରିବାକୁ ନୋଟିସେ ଦେଇଥିବା ସତ୍ତ୍ୱେ ଉକ୍ତ ଦିନ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିଲେ। ଏଥିଯୋଗୁ ସେ ଉପଜିଲାପାଳଙ୍କୁ ମଧ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କ ମତାମତ ପାଇଁ ତାଙ୍କ ମୋବାଇଲ ନଂ.୮୬୦୯୯୦୧୯୫ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ତେବେ ଉପଜିଲାପାଳ ପବିତ୍ର ବେହେରା ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

## ମହୁଲପାଲିରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

**କୁଚିଣ୍ଡା,୪।୧୧(ଡି.ଏନ.ଏ.)**

ବାମରା ବ୍ଲକ ମହୁଲପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ କ୍ଲଷ୍ଟରର ଛାତ୍ରୀଛାତ୍ର ନାଚ, ଗୀତ, ବକ୍ତୃତା, ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲକ ଅଧକ୍ଷା ପିଙ୍କି ଧ୍ରୁରୁଆ ମୁଖ୍ୟଅତିଥି, ବିଇଓ ବିନୟ ପ୍ରକାଶ ସଏ ମୁଖ୍ୟବକ୍ତା, ଏବିଇଓ ରମେଶ ଚନ୍ଦ୍ର ନାୟକ, ବ୍ଲକ ଉପାଧକ୍ଷ ସଞ୍ଜୟ କୁମାର, ସରପଞ୍ଚ ସୁଭଦ୍ରା କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସିଆର୍‌ସିସି ସଞ୍ଜୟ କୁମାର ପଟେଲ, ସୁଷମା ପଟେଲ, ସଞ୍ଜୟ କିଷାନ, ନରେନ ଦାଶ, ଡୋଳାମଣି ଜେଠି, ପ୍ରଦୀପ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଦଣ୍ଡବତ ହୋଇ ପ୍ରତିବାଦ କଲେ ଡ୍ରାଇଭର

**ସମ୍ବଲପୁର,୪।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଓଡ଼ିଶା ଡ୍ରାଇଭର ମହାସଂଘ ମାନେଶ୍ୱର ବ୍ଲକ ଶାଖା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଡ୍ରାଇଭରମାନେ ଜିଲାପାଳଙ୍କ ଅଫିସ ଗେଟ ସମ୍ମୁଖ ମୁଖ୍ୟ ରାସ୍ତାରେ ଦଣ୍ଡବତ ହୋଇ ପ୍ରତିବାଦ ଜଣାଇଥିଲେ। ସରକାର ବିଭିନ୍ନ ଦାବି ମାନି ନିଅନ୍ତୁ, ନଚେତ ଆଗାମୀ ଦିନରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସରୋଜ କୁମାର ମିଶ୍ର ଆନ୍ଦୋଳନ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ସରକାର ୩ମାସ ଭିତରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ଷେ ପ୍ରତିଶ୍ରୁତି ପୂରଣ କଲେନି। ତେଣୁ ଅକ୍ଟୋବର ୧୦ରୁ ଡ୍ରାଇଭରମାନେ ସମଲେଇ ମନ୍ଦିରଠାରୁ ଦଣ୍ଡବତ ଯାତ୍ରା ଆରମ୍ଭ କରି ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ଯାଉଛନ୍ତି। ୮ ତାରିଖରେ ନବୀନ ନିବାସରେ ପହଞ୍ଚିବେ। ପ୍ରମୁଖ ଦାବି ମଧ୍ୟରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୧୦୦ କି.ମି. ବ୍ୟବଧାନରେ ପାର୍କିଂ ଓ ବିଶ୍ରାମସ୍ଥଳ, ୫୫ବର୍ଷ ପରେ ପେନ୍‌ସନ, ଦୁର୍ଘଟଣାରେ ଜୀବନ ଗଲେ ୨୦ ଲକ୍ଷ, ଅକର୍ମନ୍ୟ ପାଇଁ ୧୦ ଲକ୍ଷ ଓ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ ଆଦି ଅନ୍ୟତମ। ସରକାର ତୁରନ୍ତ ଏହିସବୁ ଦାବି ମାନି ନିଅନ୍ତୁ ବୋଲି ଡ୍ରାଇଭରମାନେ ରାସ୍ତା ଉପରେ ନାରାବାଜି କରିଥିଲେ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଡ୍ରାଇଭରଙ୍କ ପ୍ରତିବାଦ।



ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭରମାନେ ପ୍ରତିବାଦ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୪।୧୧**

ଓଡିଶା ଡ୍ରାଇଭର ମହାସଂଘର ୧୦ଦଫା ଦାବି ପୂରଣ ନେଇ ରାଜ୍ୟ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରିଚାଲିଛନ୍ତି। ଏହାର ପ୍ରତିବାଦରେ ମହାସଂଘର କର୍ମକର୍ତ୍ତା ସମ୍ବଲପୁର ସମଲେଇ ମନ୍ଦିରରୁ ଭୁବନେଶ୍ୱର ନବୀନ ନିବାସ ଅଭିମୁଖେ ଦଣ୍ଡବତ ଯାତ୍ରାରେ ବାହାରିଛନ୍ତି। ଏହାକୁ ସମର୍ଥନ ଜଣାଇ ଝାରସୁଗୁଡା ଜିଲା ଡ୍ରାଇଭର ସଂଘ ଶୁକ୍ରବାର ବଡମାଲସ୍ଥିତ ସଂଘ କାର୍ଯ୍ୟାଳୟରୁ ସହରର ମୁଖ୍ୟମାର୍ଗ ଦେଇ ଦଣ୍ଡବତ ଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏଠାରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳର ଶତାଧିକ ଡ୍ରାଇଭର ଯୋଗଦେଇଥିଲେ। ଜିଲା ସଂଘର ଉପସଭାପତି ଆଦିତ୍ୟ ଦେଓ, ଅରୁଣ ସୋନାର, ରାମ ଜେନା, ଅବନୀ ଧଳ, ରୋଷନ ପଟେଲ, ସୁରେନ୍ଦ୍ର କିଷାନ, ଅମିତ ଯାଦବ, ଶ୍ୟାମ ଯାଦବ, ଦୀପକ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଡବ୍ଲ୍ୟୁଓଡିସି ସିଇଓଙ୍କ ସମୀକ୍ଷା ବୈଠକ

ଜୁନାଗଡ,୪।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗସ୍ତରେ ଶୁକ୍ରବାର ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ.ଅଜିତ କୁମାର ମିଶ୍ର ଆସିଥିଲେ। ପ୍ରଥମେ ସେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ସମୟରେ ଡବ୍ଲ୍ୟୁଓଡିସି ପାଣ୍ଠିର ବିନିଯୋଗ ଓ ଅନୁଦାନ ଉପରେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ସେଠାରେ ଡବ୍ଲ୍ୟୁଓଡିସି ପାଣ୍ଠିରୁ ବିନିଯୋଗ ହୋଇଥିବା ଉନ୍ନୟନ କାମ ବୁଲି ତଦାରଖ କରିଥିଲେ। ଏହି ସମୟରେ ବ୍ଲକ ଅଧକ୍ଷା ସବିତା ମେହେର, ବିଡିଓ ଦୁଲାରାମ ମାରାଣ୍ଡି, ଏଇଇ ସୁଜିତ କୁମାର ଭୁୟାଁ ପ୍ରମୁଖ ଏବଂ ବ୍ଲକର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ।

### ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୪।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲିଠାରେ ବିଜେପିରସ୍ଥିତ ସିଆରପିଏଫ ଚତୁର୍ଥ ବାଟାଲିୟନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମାଣ୍ଡାଣ୍ଟ ମନୋଜ କୁମାର ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଆରପିଏଫ ଦ୍ୱାରା ନିଆଯାଉଥିବା ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସେକେଣ୍ଡ ଇନକମାଣ୍ଡାଣ୍ଟ କପିଙ୍ଗ ଗିଲ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରମେଶଙ୍କ ସମେତ ବିଜେପୁର ସରପଞ୍ଚ ଜନନୀ ମାଝି, ବେନଗାଁ ସରପଞ୍ଚ ପୁରାଣୀ ମାଝି, ଜିଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଖବାହାଲି, ବିଜେପୁର, ପାହାଡ଼ପଦର, ବେନଗାଁ, ମାଲିଯୁବାଙ୍ଗ ଶତାଧିକ ଲୋକେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅମିତ ସାହୁ, ସୁନୀଲ ଓ ରୂପସିଂଙ୍କ ସହିତ ବିଜେପୁର କ୍ୟାମ୍ପର ଜବାନମାନେ ଯୋଗଦେଇଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଖଡ଼ିଆଳ,୪।୧୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଜୁନାନୀ



ଗ୍ରାମର ନିସୀ ଅନୁପ ସିଂଦେଓ(୫୫)ଙ୍କ ପରଲୋକ ହୋଇଯାଇଛି। ସେ କିଛି ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଛି। ସିଂଦେଓ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବାଦୀ ପଞ୍ଚାୟତ ସରପଞ୍ଚ ଭାବେ ରହି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ବେଶ ପ୍ରଶଂସିତ ହୋଇଥିଲେ। ସିଂଦେଓ ଜଣେ ଆଧାତ୍ମିକ ବ୍ୟକ୍ତି ଥିବା ବେଳେ ଗ୍ରାମର ସମସ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଜଡିତ ରହୁଥିଲେ। ତାଙ୍କର ତିନି ଭାଇ ଓ ତିନି ଭଉଣୀ ଥିବାବେଳେ ତାଙ୍କ ପୁତୁରା ନୀଳକଣ୍ଠ ସିଂଦେଓ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବାଦି ପଞ୍ଚାୟତ ତଥା ଖଡ଼ିଆଳ ବ୍ଲକର ସମସ୍ତ ସରପଞ୍ଚ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

# ୯ ଶ୍ରେଣୀକୁ ୪ ଶିକ୍ଷକ, ପାଠପଢ଼ା ବାଧା

ଖଡ଼ିଆଳ,୪।୧୧(ଡି.ଏନ.ଏ.)

**ଗୋଡ଼ଧୁଆପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ହାଇସ୍କୁଲସ୍ତରୀୟ ଶିକ୍ଷକ ନିଯୁକ୍ତି ଦାବି
- ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା



ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅପଗ୍ରେଡ କରି ହାଇସ୍କୁଲ ମାନ୍ୟତା ଦେଉଛନ୍ତି। ଏହିକ୍ରମରେ ଚଳିତ ବର୍ଷ ନୂଆପଡା ଜିଲାରେ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅପଗ୍ରେଡ କରାଯାଇଥିଲା। ଏହା ମଧ୍ୟରେ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ପଞ୍ଚାୟତ ଗୋଡ଼ଧୁଆପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ପୂର୍ବରୁ ଏଠାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ନବମ ଶ୍ରେଣୀ ଆରମ୍ଭ ହୋଇଛି। ଗତ ଅଗଷ୍ଟରେ ଛାତ୍ରୀଛାତ୍ରଙ୍କୁ ନବମ ଶ୍ରେଣୀରେ ଭର୍ତ୍ତି କରାଯାଇଥିଲା। ହାଇସ୍କୁଲ ପାଇଁ ଶିକ୍ଷକ ନ ଥିବାରୁ ଆଜକୁ ୩ ମାସ ହେବ ପାଠପଢା ବନ୍ଦ ଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୯ଜଣ ଓ ନବମ ଶ୍ରେଣୀରେ ୧୭ଜଣ ଛାତ୍ରୀଛାତ୍ର ଅଛନ୍ତି। ୯ଟି ଶ୍ରେଣୀ ପାଇଁ ଅଛନ୍ତି ମାତ୍ର ୪ ଜଣ ଶିକ୍ଷକ। ସେମାନେ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ କୋର୍ସ ପାଇଁ ସକ୍ଷମ ନୁହଁନ୍ତି। ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ପାଇଁ ଭିନ୍ନ ଭିନ୍ନ ଯୋଗ୍ୟତାର ଶିକ୍ଷକ ନିଯୁକ୍ତ ହୋଇଥାନ୍ତି। ହେଲେ ଗୋଡ଼ଧୁଆପଦର ବିଦ୍ୟାଳୟ ପାଇଁ ତାହା ସମ୍ଭବ ହୋଇନାହିଁ। ୯ଟି ଶ୍ରେଣୀ ପାଇଁ କେବଳ ୪ ଶିକ୍ଷକ ଥିବା ବେଳେ ତାହା ପୁଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ହାଇସ୍କୁଲ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରମାନେ ଗଣିତ, ବିଜ୍ଞାନ ଓ ଇଂଲିଶ ସହ ସଂସ୍କୃତ, ହିନ୍ଦୀ ପଠାପଢା ହେଉ ନ ଥିବାରୁ ଚିନ୍ତିତ ଅଛନ୍ତି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଉ କିଛି ଦିନ ପରେ ପରୀକ୍ଷା ହେବାକୁ ଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ଆରମ୍ଭ ହୋଇନାହିଁ। ହାଇସ୍କୁଲ ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ହେଁ କୌଣସି ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା ଅଭିଭାବକମାନେ କହିଛନ୍ତି। ତୁରନ୍ତ ହାଇସ୍କୁଲସ୍ତରୀୟ ଶିକ୍ଷକ ନିଯୁକ୍ତି ନ ଦେଲେ ତାଲା ବନ୍ଦ କରି ସ୍କୁଲରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏ ନେଇ ସହ ଶିକ୍ଷା ଅଧିକାରୀ ବଳଧର ନାଗଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଜଣାଇ ସମସ୍ୟା ସମାଧାନ କରିବୁ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ୨ୟ ସ୍ଥାନ



୨ୟ ସ୍ଥାନ ଅଧିକାର କରିଥିବା ବରଗାଁର ଛାତ୍ରୀଛାତ୍ରମାନେ।

ଖଡ଼ିଆଳ,୪।୧୧(ଡି.ଏନ.ଏ.)

**ବରଗାଁ ହାଇସ୍କୁଲ ଛାତ୍ରୀଛାତ୍ର**

ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରି ନୂଆପଡ଼ା ଜିଲା ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଖଡିଆଳ ବ୍ଲକ ଅନ୍ତର୍ଗତ ଜୟ କିଷାନ ସରକାରୀ ଉଚ୍ଚ ବିଦ୍ୟାଳୟ ବରଗାଁର ଛାତ୍ରୀଛାତ୍ରମାନେ। ଖଡିଆଳ ବ୍ଲକ ଅନ୍ତର୍ଗତ ଜୟ କିଷାନ ସରକାରୀ ଉଚ୍ଚ ବିଦ୍ୟାଳୟ ବରଗାଁର ଛାତ୍ରୀଛାତ୍ରମାନେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ଏହି ଲୋକନୃତ୍ୟ ଦଳ ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲା ପ୍ରଥମ ଓ ନୂଆପଡ଼ା ଜିଲା ଦ୍ୱିତୀୟ ସ୍ଥାନ ହାସଲ କରିଛି। ଲୋକନୃତ୍ୟର ଗୀତ ରଚନା ଓ ନିର୍ଦ୍ଦେଶନା ଶିକ୍ଷକ ଜୟଦେବ ବେହେରା କରିଥିବାବେଳେ ଜୟଦେବ ବେହେରା ଓ ଶିକ୍ଷୟିତ୍ରୀ ଶୁଭଶ୍ରୀ ଭିତ୍ରିୟା ଏହାକୁ ଗାଇଛନ୍ତି। ଏହି ନୃତ୍ୟକୁ କୋରିଓଗ୍ରାଫି କରିଛନ୍ତି ଖଡିଆଳର ବିଶିଷ୍ଟ ନୃତ୍ୟଶିଳ୍ପୀ ପବିତ୍ର କୈବର୍ତ୍ତ। ଲୋକନୃତ୍ୟ ଦଳକୁ ପ୍ରଯୋଜନା କରିଛନ୍ତି ପ୍ରଧାନ ଶିକ୍ଷକ ଲୋକେଶ୍ୱର ମେହେର ତଥା ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ। ଏହି ଦଳକୁ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ଶିଶୁ କଳାକାର ଦ୍ୱାରା ନୃତ୍ୟ ପରିବେଶଣ କରାଯାଉଛି।

ନୂଆପଡ଼ା ଅଫିସ,୪।୧୧

ସ୍ଥାନୀୟ ସରକାରୀ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ମାରାଗୁଡା ମଞ୍ଚରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ନୂଆପଡ଼ା ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ସିନାପାଲି ବିଇଓ ଚୈତନ୍ୟ ହୋତା, ଖଡିଆଳ ବିଇଓ ନକୁଳ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ସୋଭାରାଣୀ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଶିବ ପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲାର ପ୍ରତ୍ୟେକ ବ୍ଲକସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ବରିଷ୍ଠ, କନିଷ୍ଠ ବର୍ଗରେ ସମସ୍ତ ଛାତ୍ରୀଛାତ୍ର ଜିଲାସ୍ତର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲାସ୍ତରରେ ଯେଉଁମାନେ କୃତିତ୍ୱ ହୋଇବେ, ସେହିମାନେ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରିବେ। ଶଙ୍କସଣ ପୁରୋହିତ ଓ ରାଜେଶ ମହଲା ମଞ୍ଚ ପରିଚାଳନା କରିଥିବା ବେଳେ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଦୀପକ ସାହୁ, ଚିତ ରାଉତ ରାୟ, ହେମନ୍ତ କୁମାର ଭୋଇ, ପବିତ୍ର ନାହାକ, କମଲ କୁମାର, ଅବିନାଶ ମିଶ୍ର,ପ୍ରତାପ ଚନ୍ଦ୍ର ପାତ୍ର, କିଶୋର ମହଲା, କିଶୋର ପରିଡା, ମନୋଜ ପଣ୍ଡା, ସେକ ୱାରିଫ ଓ ଜିଲା ସମସ୍ତ ସିଆରସିସି ସହଯୋଗ କରିଥିଲେ।

# କସ୍ତୁରବା ବାଳାଶ୍ରମର ଛାତ୍ରୀଙ୍କୁ ସାଇକେଲ ପ୍ରଦାନ

ଖଡ଼ିଆଳ,୪।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ କସ୍ତୁରବା ବାଳାଶ୍ରମର ଜଣେ ଆଇଟିଆଇ ଛାତ୍ରୀ ଡୋଲେଶ୍ୱରୀ ଛତ୍ରିଆଙ୍କୁ ଖଡ଼ିଆଳ ଏନ୍‌ଏସି ୱାର୍ଡ ନମ୍ବର ୧ର କାଉନସିଲର ଶୁଚିସ୍ମିତା ମହାରଣା ସାଇକେଲ ପ୍ରଦାନ କରିଛନ୍ତି। ଏହି ଅବସରରେ ଦିନିକିଆ ଗସ୍ତରେ ଆସିଥିବା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ସାମାଜିକ କର୍ମୀ ବାରିଦ ସୁନା, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ଓ ଚିତ୍ତରଞ୍ଜନ ବେହେରା ତଥା ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସୂଚନା ଯେ, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ କାଉନସିଲର ମହାରଣା ବାଳାଶ୍ରମରେ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଫଳ, ମିଷ୍ଟାନ୍ନ ଓ କାରପେଟ ବଣ୍ଟନ କରିଥିଲେ। ଏହି ଅବସରରେ ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ଉକ୍ତ ବାଳିକା ଜଣକ ବାଳାଶ୍ରମରେ ରହି ୩ କି.ମି. ଦୂର ବାଦୀସ୍ଥିତ ଆଇଟିଆଇ କଲେଜକୁ ପାଠ ପଢିବା ପାଇଁ ଯାଉଥିବା ବିଷୟରେ କାଉନସିଲ ମହାରଣାଙ୍କୁ କହିଥିଲେ। କାଉନସିଲ ମହାରଣା ସେଦିନ ଏକ ସାଇକେଲ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କସ୍ତୁରବା ବାଳାଶ୍ରମରେ ବର୍ତ୍ତମାନ ୩୩ଜଣ ଛାତ୍ରୀଛାତ୍ର ରହି ପାଠପଢୁ ଥିବା ଜଣାପଡିଛି। ଏହି ଅବସରରେ କାଉନସିଲର ମହାରଣା କସ୍ତୁରବା ବାଳାଶ୍ରମର ସମସ୍ତ ୩୩ଜଣ ଛାତ୍ରୀଛାତ୍ରଙ୍କୁ ଖାତା, କଲମ, ପେନସିଲ, ରବର ଆଦି ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର କସ୍ତୁରବା ବାଳାଶ୍ରମର ଆନୁସାଙ୍ଗିକା ବ୍ୟବସ୍ଥା ଉପରେ ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚାରି ବୁଝିଥିଲେ।



ଛାତ୍ରୀଙ୍କୁ ସାଇକେଲ ପ୍ରଦାନ କରାଯାଉଛି।

# କଂଗ୍ରେସର ଭାରତ ଯୋଡ଼ୋ ଅଭିଯାନ



କର୍ମୀ ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃମଣ୍ଡଳୀ।

କୋକସରା,୪।୧୧(ଡି.ଏନ.ଏ.)

**ଜୋନ୍‌ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଭାରତ ଯୋଡୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୋନସ୍ତରୀୟ ସମ୍ମିଳନୀରେ ଆମପାଣି ଜୋନ ପଞ୍ଚାୟତର ଆବାହକ ହରିଶ୍ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ବ୍ଲକ କଂଗ୍ରେସ କମିଟି ସଭାପତି ଘନଶ୍ୟାମ ଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସଭାପତି ଭାରତ ଭୂଷଣ ଭୂଷଣ ବେମାଲ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲା ଉପସଭାପତି ପରମାନନ୍ଦ ମାଝି, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଙ୍ଗଠକ ରବୀନ୍ଦ୍ର କୁମାର ପାଟ୍ଟଯୋଶୀ, ବ୍ଲକ ସଙ୍ଗଠକ ପୁରୁଷୋତ୍ତମ ଗୁପ୍ତା, ପିସିସି ସଭ୍ୟ ଦିଗାମ୍ବର ଦୁରିଆ, ଧର୍ମଗଡ ବ୍ଲକ ଉପସଭାପତି ଫକୀର ନାଏକ, ଜିଲା ସମ୍ପାଦକ ସନ୍ତୋଷ ପାଢ଼ୀ, ଧର୍ମଗଡ ମଣ୍ଡଳୀ ଯୁବ ସଭାପତି ଡାକେଶ୍ୱର ଲହଜଳ, ଗୋଲାମୁଣ୍ଡା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ଜିଲା ସଂଯୋଜକ ସରୋଜ କୁମାର ବାଗ, ପୂର୍ବତନ ବ୍ଲକ ସଭାପତି ରାଜେନ୍ଦ୍ର ନାଏକ, ନାରିନେତ୍ରୀ ଫୁଲତୋଳା ଖମାରି, ମହେନ୍ଦ୍ର ଧରୁଆ ପ୍ରମୁଖ ଗ୍ରାମାଞ୍ଚଳରୁ ତୃଣମୂଳସ୍ତରରେ କଂଗ୍ରେସକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଛନ୍ତି। ଜିଲା ଓବିସି ସେଲ ସଭାପତି ଲିଙ୍ଗରାଜ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଟିକିଚନ୍ଦ୍ର ଧଙ୍ଗଡାମାଝି ଧନ୍ୟବାଦ ଦେଇଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କୋକସରା,୪।୧୧(ଡି.ଏନ.ଏ.)



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନରେ ଶପଥ ପାଠ ଗ୍ରହଣ କରାଯାଉଛି।

କଳାହାଣ୍ଡି ଜିଲା ପ୍ରଶାସନ ସୌଜନ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ଓ ଜୀବିକା ମିଶନର ମହିଳା କର୍ମକର୍ତ୍ତା ଓ ସ୍କୁଲର ଛାତ୍ରୀଛାତ୍ରମାନେ ଦୁର୍ନୀତି ମୁକ୍ତ ଓଡିଶା ଗଠନ କରିବା ପାଇଁ ଶପଥ ପାଠ କରିଛନ୍ତି। ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ଉତ୍ତମ କୁମାର ବାଗ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସିଡିପିଓ ସରୋଜା ଲତା ଦେଇ, ଜିପିଇଓ ନାରାୟଣ ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ହିସାବ ରକ୍ଷକ ଅଶୋକ କୁମାର ସେଠି, ଦୁର୍ନୀତି ନିବାରଣ ଏସଆଇ ପ୍ରମିଳା ସୁନା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ମିଶନ ଶକ୍ତି ଓଏଲଏମର ମହିଳା କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରୀମାନେ ସାମିଲ ଥିଲେ।

# ଆର୍‌ବିଏସ୍‌କେରେ ହୃଦ୍‌ରୋଗ ଶିଶୁଙ୍କ ମାଗଣା ଚିକିତ୍ସା

ଭବାନୀପାଟଣା,୪।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଯୋଜନାରେ ଜନ୍ମରୁ ୧୮ବର୍ଷ ଶିଶୁଙ୍କ ପାଇଁ ମାଗଣା ହୃଦ୍‌ରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାର ୧୦୮ଜଣ ଶିଶୁ ଚିକିତ୍ସା ପାଇଁ ଆସିଥିଲେ। ସେଥିମଧ୍ୟରୁ ଗୁରୁତର ଥିବା ଶିଶୁଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ରାୟପୁରରେ ଥିବା ନାରାୟଣ ହୃଦାଳୟ ଓ ପରେ ଆବଶ୍ୟକ ହେଲେ ବେଙ୍ଗେଲୁର ସୁପର ସ୍ପେଶିଆଲଟି ମେଡିକାଲକୁ ଚିକିତ୍ସା ନିମନ୍ତେ ଅସ୍ତ୍ରୋପଚାର ପାଇଁ ପଠାଯିବ। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଅନୁବନ୍ଧିତ ଛତିଶଗଡର ରାୟପୁରରେ ଥିବା ନାରାୟଣ ହୃଦାଳୟର ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ଶେଖର ପାଢି ଓ ତାଙ୍କ ଟିମ୍‌ର ସହଯୋଗରେ ଶିବିର ହୋଇଥିଲା। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ କୁମାର ମିତ୍ର, ଉପଚିକିତ୍ସାଧିକାରୀ ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଆରବିଏସକେ ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ ସମେତ ଡିଇଆଇସିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରତିବର୍ଷ କଳାହାଣ୍ଡିରେ ଏଭଳି ଶିବିର ଆୟୋଜନ କରାଯାଉଥିବା ବେଳେ ଜିଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରକୁ ବର୍ତ୍ତମାନ ସୁଦ୍ଧା ୩୭୦ଜଣ ହୃଦ୍‌ରୋଗ ଜନିତ ଶିଶୁଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୨୯୮ଜଣଙ୍କ ମାଗଣାରେ ଅସ୍ତ୍ରୋପଚାର ଜନିତ ଚିକିତ୍ସା ହୋଇପାରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କୁ ଉତ୍ତମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳିପାରୁଛି ବୋଲି ଆରବିଏସକେ ପରିଚାଳକ ପ୍ରଧାନ ପ୍ରକାଶ କରିଛନ୍ତି।



ଜଣେ ଶିଶୁଙ୍କୁ ଚିକିତ୍ସା କରାଯାଉଛି।

# ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଶପଥ

ଭବାନୀପାଟଣା,୪।୧୧(ସ୍ୱ.ପ୍ର.)



ଜିଲାପାଳଙ୍କ ନେତୃତ୍ୱରେ ଶପଥ ପାଠ କରାଯାଉଛି।

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ତଥା ଜିଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର, ପୌର ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, ମୁଖ୍ୟବକ୍ତା ଡ କୈଳାଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଭିଜିଲାନ୍ସ ବିଭାଗ ଡିଏସପି ସଦାନନ୍ଦ ପାଣି ଓଡ଼ିଶାକୁ ଦୁର୍ନୀତିମୁକ୍ତ କରିବାରେ ବିଭାଗର ବିଭିନ୍ନ ପଦକ୍ଷେପ ଓ ସଚେତନତା ସୃଷ୍ଟି କରିବା ଉପରେ ବିଭିନ୍ନ ବିବରଣୀ ପ୍ରଦାନ କରିଥିଲେ। ଜିଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଶପଥ ପାଠ କରିଥିଲେ। ଗୃହରେ ଥିବା ଏଲଇଡି ସ୍କ୍ରିନରେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ ଉପରେ ଭିଡିଓ କ୍ଲିପ ଦେଖିଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ନେହେରୁ ଯୁବ କେନ୍ଦ୍ରର ସଭ୍ୟ, ବିଭିନ୍ନ କଲେଜ ଛାତ୍ରୀଛାତ୍ର, ବିଭାଗୀୟ ଅଧିକାରୀ ଏକ ଶୋଭାଯାତ୍ରାରେ ସହର କରିଥିଲେ। ଏହି ସପ୍ତାହ ପାଳନ ଅବସରରେ କଲେଜ ଓ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଡିଆଇପିଆର୍‌ଓ ମନୋଜ ବେହେରା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଡବ୍ଲୁଓ, ଡିଏସଡବ୍ଲୁଓ, ଯୁବ ସଂଯୋଜକ, ନେହେରୁ ଯୁବ କେନ୍ଦ୍ର, ଜିଲା ନିୟୋଜନ ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ, ବିଭାଗୀୟ ଅଧିକାରୀ, ଭିଜିଲାନ୍ସ ବିଭାଗ ସୁଶାନ୍ତ ପଟ୍ଟନାୟକ, ଶରତ ବେହେରା, ରାଜେଶ ନାୟକ, ବିଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**କାର୍ଯ୍ୟରେ ଅବହେଳା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ**

ବୌଦ୍ଧ (ସ୍ୱ.ପ୍ର): ସରକାରୀ କାର୍ଯ୍ୟର ଅବହେଳା, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର ଏବଂ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଟିକେଲାଲ ମାଝିଙ୍କୁ ଜିଲାପାଳ ସତ୍ୟରଞ୍ଜନ ସାହୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ସମୟରେ ନିର୍ବାହୀ ଅଧିକାରୀ ମାଝି ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟରେ ପ୍ରତିଦିନ ହାଜିରା ଦେବାକୁ ଏବଂ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଅମରପାଲି,୪।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କଳାପଥର ପଞ୍ଚାୟତର ବାବୁପାଲି କେନାଲ ଛକ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାବୁପାଲି ଗାଁର କନ୍ଦର୍ପ କୁମାର(୪୨)। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ କନ୍ଦର୍ପ କାମ ସାରି ବୁଲିବାକୁ ଆସିଥିଲେ । ସେ କେନାଲ ଛକ ନିକଟ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ବେଳେ ଉକ୍ତ ରାସ୍ତା ଦେଇ ଦ୍ରୁତଗତିରେ ଆସୁଥିବା ଏକ ଠିକାସଂସ୍ଥାର ( ନଂ. ଓଡି ୩୧ ବି ୧୧୩୬) ଟ୍ରାକ୍ଟର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କନ୍ଦର୍ପଙ୍କ ମୃତ୍ୟୁ ଘଟିଥିଲା। ଡ୍ରାଇଭର ଟ୍ରାକ୍ଟର ଛାଡି ଫେରାର ହୋଇଯାଇଛନ୍ତି। ଉକ୍ତ ଟ୍ରାକ୍ଟରରେ ଯାଉଥିବା କେତେଜଣ ଶ୍ରମିକ ମଧ ଘଟଣାସ୍ଥଳରୁ ଫେରାର ମାରିଥିଲେ । ଖବର ପାଇ ବୀରମହାରାଜପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ଥାନା ଅଧିକାରିଣୀ ପଦ୍ମାସିନୀ ମେହେର ପ୍ରକାସ କରିଛନ୍ତି।

### ଖଲିଆପାଲି ଗ୍ରାମରେ କଳାସୀ ଯାତ୍ରା

**ଜାମଟିକ୍ରା,୪।୧୧(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତ ଅଧୀନ ଖଲିଆପାଲି ଗ୍ରାମରେ ରୀତିନୀତି ଅନୁସାରେ ତିନିଦିନଧରି ମହାସମାରୋହରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତିରେ କଳାସୀ ବରୁଆ ଗ୍ରାମ ପରିକ୍ରମା କରି ଘରକୁ ଘର ଯାଇ ପୂଜା ପାଇଥିଲେ। ପରେ ପନ୍ଦେଇ ପୀଠରେ ବରୁଆ ନାଚିଥିଲେ । ଏହା ଦେଖିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ରାତିରେ ବିଶିପାଲି, ଡାମିମୁଣ୍ଡା, ଖରମୁଣ୍ଡା ଗ୍ରାମର ମହିଳା ସଂକୀର୍ତ୍ତନ ଓ ସୋନପୁରର ବାସନ୍ତୀ ଦଣ୍ଡ, ବଲାଙ୍ଗୀରର ଲକ୍ଷ୍ମୀଶ୍ରୀ ମହିଳା ଦଣ୍ଡ ପରିବେଷଣ କରାଯାଇଥିଲା। ସୁଦାମ ଭୁଏ ପୂଜା ପରିଚାଳନା କରିଥିଲେ। ଏଥିରେ ବରୁଆ ପ୍ରେମ ପୋଢ଼, ଚରଣ ଦୀପଙ୍କ ସହ ଦିନେଶ ମେଲ୍ଲି, କାଳିଶ୍ରୀ କର୍ଣ୍ଣ, ଶଶୀଭୂଷଣ ପଧାନ, କ୍ଷୀରେଶ୍ୱର କର୍ଣ୍ଣ, ଇଶ୍ୱର ପଧାନ, ସଞ୍ଜୟ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

### ବିନିକା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ବିନିକା,୪।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ପେନସନ ଭୋଗୀ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଗତ ୨୪ ତାରିଖରେ ଅନୁଷ୍ଠିତ ଜିଲା ସଂଘ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଯେ ରାଜ୍ୟରେ ଗଠିତ ହୋଇଥିବା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ନିଷ୍ପତ୍ତି ଅନୁସାରେ ଜିଲାରେ ମିଳିତ ଶିକ୍ଷକ ସଂଘ ଗଠନ କରାଯାଇ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରାଯିବ । ୫ ତାରିଖରେ ମିଳିତ ଶିକ୍ଷକ ସଂଘ ନାମରେ ଜିଲାରେ ଏକ ରାଲିର ଆହ୍ୱାନ ଦିଆଯାଇଛି । କିନ୍ତୁ ବର୍ତ୍ତମାନ ସ୍ଥିତିରେ ଏହି ଜିଲା ରାଲିର ଗୁରୁତ୍ୱ ନ ଥିବା ସଭ୍ୟମାନେ ହୃଦ୍‌ବୋଧ କରିଥିଲେ । ତେଣୁ ବ୍ଲକର କୌଣସି ସଭ୍ୟ ଉକ୍ତ ରାଲିରେ ଯୋଗ ନ ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଯେଉଁ ନିଷ୍ପତ୍ତି ଗ୍ରହଣ କରିବେ ସେହି ଅନୁସାରେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ଶିକ୍ଷକ ନେତା ଶିବ ନାରାୟଣ ରଣା, ରାଜେନ୍ଦ୍ର ବିଶି, ଅନ୍ତର୍ଯ୍ୟାମୀ ଧର, ଧ୍ରୁବ ଦେବତା, ବିଜୟ ସାହୁ, ବିଶ୍ୱରଞ୍ଜନ ସାହୁ, ସୁନୀଲ ପଧାନ, ସୁଦାମ ପଧାନ ଓ ନୀଳାଚଳ ସା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# ୯ଦଫା ଦାବିରେ ଡ୍ରାଇଭର ମହାସଂଘର ବିକ୍ଷୋଭ

**ବରଗଡ଼ ଅଫିସ,୪।୧୧**

ଓଡ଼ିଶା ଡ୍ରାଇଭର ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୯ଦଫା ଦାବି ନେଇ ମହାସଂଘର ସଦସ୍ୟବୃନ୍ଦ ଜିଲାପାଳଙ୍କ ଅଫିସକୁ ଆସି ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ମହାସଂଘର କର୍ମକର୍ତ୍ତାମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଓଡ଼ିଶା ଡ୍ରାଇଭର ମହାସଂଘ ବିଭିନ୍ନ ସମସ୍ୟା ନେଇ ତାର ସମାଧାନ ପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି । ମାତ୍ର ସରକାର ସେମାନଙ୍କ ଦାବି ସମୂହକୁ ଅଣଦେଖା କରୁଛି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭରମାନଙ୍କୁ ୨୦ଲକ୍ଷ ଟଙ୍କା ବୀମାରାଶି, ଅକର୍ମଣ୍ୟ ହୋଇଥିବା ଡ୍ରାଇଭରଙ୍କୁ ୧୦ଲକ୍ଷ ଟଙ୍କା ବୀମାରାଶି ସହିତ ଚିକିତ୍ସା ପାଇଁ ୫ଲକ୍ଷ ଟଙ୍କା ବୀମାରାଶି ପ୍ରଦାନ, ୫୫ବର୍ଷ ପରେ ପେନସନ ପ୍ରଦାନ, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ଗାଡ଼ିଗୁଡ଼ିକ ରଖିବା ପାଇଁ ପାର୍କିଂ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ବିଶ୍ରାମାଗାର, ଶୌଚାଳୟ ନିର୍ମାଣ କରିବାକୁ ଦାବି ହୋଇଛି ।

ସେହିପରି ରାଜରାସ୍ତା ଉପରେ ପ୍ରଶାସନ ପକ୍ଷରୁ ଡ୍ରାଇଭରଙ୍କୁ ହଇରାଣ ନ କରାଯିବା, ଡ୍ରାଇଭରଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ, ଡ୍ରାଇଭରଙ୍କ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା ବ୍ୟବସ୍ଥା, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା ଦିଆଯିବା ଆଦି ଦାବି ରହିଛି । ଏହି ଦାବି ନେଇ ମହାସଂଘ ଗତବର୍ଷ ଅକ୍ଟୋବର ମାସରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି। ଏହାସହିତ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ, ଦଣ୍ଡବତ ଯାତ୍ରା ଆଦି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ଦାବି ପୂରଣ ହୋଇ ନ ଥିବା ଯୋଗୁ ଡ୍ରାଇଭର ମହାସଂଘ ଅସନ୍ତୋଷ ପ୍ରକାଶ କରିଛି। ସରକାର ଏହି ଦାବି ସମୂହକୁ ତୁରନ୍ତ ପୂରଣ ନ କଲେ ପଞ୍ଚାୟତ, ଜିଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରଙ୍କୁ ଅସହଯୋଗ କରିବେ ବୋଲି ମହାସଂଘ ଚେତାବନୀ ଦେଇଛି । ମହାସଂଘର ବରଗଡ଼ ଜିଲା ସଭାପତି ନୀଳାମ୍ବର ଶାହା, ଉପସଭାପତି ରବିନ୍ଦ୍ର ନାଏକ, ସମ୍ପାଦକ ସୁଧୀର ଦାଶ, ସହ ସମ୍ପାଦକ ଶମ୍ଭୁ ଖମାରୀ, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଡୁଲିଙ୍କ ସମେତ ଅନ୍ୟ ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଜିଲାପାଳ ଅଫିସ ଆଗରେ ଡ୍ରାଇଭର ମହାସଂଘର ଧାରଣା ।

# ଛାତ୍ରୀଛାତ୍ରଙ୍କୁ ଧାରଣାରେ ନ ବସି ବିଦ୍ୟାଳୟ ଯିବାକୁ ଅନୁରୋଧ

**ବୌଦ୍ଧ, ୪।୧୧ (ସ୍ୱ.ପ୍ର.)**

### ଚତୁର୍ଥ ଦିନରେ କ୍ରଶର ବନ୍ଦ ନେଇ ଧାରଣା

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁଠାରେ ବନ୍ଦ ଥିବା କ୍ରସର ଓ ପଥରକ୍ୱାରୀ ପୁନଃ ଚାଲୁ ପାଇଁ ପ୍ରଶାସନର ନିଷ୍ପତ୍ତି ପ୍ରତିବାଦରେ ଗ୍ରାମବାସୀ ୪ ଦିନ ହେଲା ଧାରଣାରେ ବସିଛନ୍ତି। ଶୁକ୍ରବାର ଥିଲା ଧାରଣାର ଚତୁର୍ଥ ଦିନ। ଗ୍ରାମବାସୀଙ୍କ ଏକା ଜିଦ କ୍ରସର ଓ ପଥରକ୍ୱାରୀ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଗ୍ରାମବାସୀ କ୍ରସରଗୁଡିକ ବସିଥିବା ସରାଡିଖୋଲ ଗ୍ରାମର ପଞ୍ଚାୟତ ରାସ୍ତା ଉପରେ ବସି ରହି ଗଣଧାରଣା ଦେଇଛନ୍ତି। ଧାରଣାରେ ଗ୍ରାମର ପୁରୁଷ ଓ ମହିଳାମାନେ ବସିରହିଥିବା ବେଳେ ବିଦ୍ୟାଳୟକୁ ନ ଯାଇ ଛାତ୍ରୀଛାତ୍ର ତିନି ଦିନ ହେଲାଣି ଧାରଣାରେ ନିଜର ପିତା ଓ ମାତାଙ୍କ ସହ ବସିରହିଛନ୍ତି। ବିଦ୍ୟାଳୟକୁ ଛାତ୍ରୀଛାତ୍ର ପାଠ ପଢିବାକୁ ଯାଉ ନ ଥିବାବେଳେ ପ୍ରଥମ ଥର ପାଇଁ ଶୁକ୍ରବାର ବିଦ୍ୟାଳୟର ସିଆରସିସି ନରେନ୍ଦ୍ର ରଣା ଓ ବିଦ୍ୟାଳୟର ଶିକ୍ଷକମାନେ ଧାରଣାସ୍ଥଳକୁ ଯାଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହ ଆଲୋଚନା କରି ବିଦ୍ୟାଳୟକୁ ପିଲାଙ୍କୁ ଛାଡିବାକୁ କହିଥିଲେ। କିନ୍ତୁ ଛାତ୍ରୀଛାତ୍ରମାନେ ସେମାନଙ୍କ ବାପା ଓ ମାଆଙ୍କ ସହ ଧାରଣାରେ ବସିବେ ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ଶିକ୍ଷକମାନେ ଚାଲିଯାଇଥିବାର କିଛି ସମୟ ପରେ ହରଭଙ୍ଗା ତହସିଲଦାର ଶମ୍ଭୁଭୂଷଣ ମିଶ୍ର, ହରଭଙ୍ଗା ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ଆପଣମାନେ କ'ଣ ଚାହୁଁଛନ୍ତି ବୋଲି ପଚାରିଥିଲେ। ଏନେଇ ଗ୍ରାମବାସୀ କ୍ରସର ଓ ପଥରକ୍ୱାରୀ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଥିଲେ। ଗ୍ରାମବାସୀ କ୍ରସର ଓ ପଥରକ୍ୱାରୀ ଯୋଗୁ ପ୍ରଦୂଷଣ ବଢୁଛି। ଏଥିଯୋଗୁ ଗ୍ରାମବାସୀ ରୋଗାକ୍ରାନ୍ତ ହେବା ସହ ପିଲାମାନେ ମଧ୍ୟ ରୋଗାକ୍ରାନ୍ତ ହେଉଥିବା କହିବା ପରେ ତହସିଲଦାର ଚାଲିଯାଇଥିଲେ।

# ପ୍ରତିଭାର ବିକାଶ କରିବ ସୁରଭି





ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ସୋହେଲା,୪।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଛୁରିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ସୁଶାନ୍ତ ସିଂ ଯୋଗଦାନ କରି ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ସୋହେଲା ବ୍ଲକ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲାପ ଚାନ୍ଦ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ବକ୍ତା, ବ୍ଲକ ଅଧକ୍ଷା ବବି ପଧାନ, ହରେକୃଷ୍ଣ ବାରିକ, ସରପଞ୍ଚ ଚୈତନ୍ୟ ବେହେରା, ପ୍ରଧାନ ଶିକ୍ଷକ ମାନଭଞ୍ଜନ ପଧାନ ଏବଂ ପ୍ରଧାନ ଶିକ୍ଷକ ଶଶିଭୂଷଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ପୂର୍ବତନ ବ୍ଲକ ଅଧକ୍ଷ ସୁବ୍ରତ ବେହେରା,ଏବିଇଓ ଗୋଲାପ ଚାନ୍ଦ ମିଶ୍ର, ମନୋହର ଉଟି, ମୋତିଲାଲ ନନ୍ଦ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ୱାଧୀନ ମୋହନ ସାହୁ, ସନ୍ତୋଷିନୀ ପାଣିଗ୍ରାହୀ ଏବଂ ଛାତ୍ରୀ ଶ୍ରୀୟା ମେହେର ସଂଯୋଜନା କରିଥିଲେ। ଏବିଇଓ ମୋତିଲାଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଛୁରିଆପାଲି ସିଆରସିସି କୃପାସିନ୍ଧୁ ପାଣ୍ଡେଙ୍କ ସଂଯୋଜନାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାକୁ ବ୍ଲକର ସମସ୍ତ ସିଆରସିସି ତଥା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ଜୁଆ, କଫ ସିରପ୍ କାରବାର: ୨ ଗିରଫ

**ଅତାବିରା/ସରଣ୍ଡା,୪।୧୧(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ପୋଲିସ କଫ ସିରପ୍ ଏବଂ ଘୁଡୁଘୁଡୁପଛି ଜୁଆ କାରବାରରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବରାହଗୋଡ଼ା ଗ୍ରାମର ବିଦ୍ୟାନନ୍ଦ ସାହୁ(୪୫) ଏବଂ ପ୍ରଧାନପାଲି ଖପରାଖୋଲିର ଡମ୍ବରୁଧର ପୋଢ଼(୩୮)। ସେମାନଙ୍କ ପାଖରୁ ନଗଦ ୩୬୨୦ ଟଙ୍କା, ପ୍ଲାଷ୍ଟିକ ଜାରକିନ୍‌ରେ ଭର୍ତ୍ତି ଥିବା ୨୦ଲିଟର ଅପମିଶ୍ରିତ କଫ ସିରପ୍, ୨ବୋତଲ କଫ୍ ସିରପ୍, ୨ଷ୍ଟ୍ରିପ ନାଇଟ୍ରୋସନ ଟାବଲେଟ୍, ଜୁଆଖେଳରେ ବ୍ୟବହୃତ ସାମଗ୍ରୀ ଆଦି ଜବତ ହୋଇଛି । ଏ ନେଇ ଅତାବିରା ଥାନା ପୋଲିସ ଏକ ମାମଲା(ନଂ.୩୮୫/୨୨) ରୁଜୁ କରିଛି। ପ୍ରକାଶ ଯେ, ଗିରଫ ଅଭିଯୁକ୍ତମାନେ ଗୁରୁବାର ଅତାବିରା ଥାନା ଚୂଳଧର ଲାଣ୍ଡିଜୁରୀ ରାସ୍ତାପାର୍ଶ୍ୱରେ କଫ୍ ସିରପ୍ ଏବଂ ଜୁଆ କାରବାର ଚଲାଇଥିବା ନେଇ କୌଣସି ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଅତାବିରା ଥାନା ଆଇଆଇସି ଏ. କେ. ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ଅଭିଯୁକ୍ତଙ୍କୁ ଗିରଫ ସହିତ କଫ ସିରପ ଏବଂ ଜୁଆ ସାମଗ୍ରୀ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି ।



ଜବତ କଫ ସିରପ୍, ଜୁଆ ସାମଗ୍ରୀ ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

# ସଂଘବଦ୍ଧ ଆକ୍ରମଣରେ ୩ ଆହତ

### ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

**ବରଗଡ଼ ଅଫିସ,୪।୧୧**

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ପୋଡ଼ବାଡ଼ି ଗ୍ରାମରେ ଗୁରୁବାର ସଂଘବଦ୍ଧ ଆକ୍ରମଣରେ ଦମ୍ପତିଙ୍କ ସମେତ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ରେମାନନ୍ଦ ପ୍ରଧାନ, ସ୍ତ୍ରୀ ପୂର୍ଣ୍ଣମାସୀ ଓ ବଡ଼ଭାଇ କ୍ଷୀରୋଦ୍ର। ଏ ନେଇ ପୂର୍ଣ୍ଣମାସୀଙ୍କ ଏତଲାକ୍ରମେ ପୋଲିସ ଉକ୍ତ ଗ୍ରାମର ୪ଜଣଙ୍କ ବିରୋଧରେ ଏକ ମାମଲା (ନଂ.୩୮୧/୨୨) ରୁଜୁ କରିଛି। କିନ୍ତୁ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଅନ୍ୟପଟେ ପ୍ରତିପକ୍ଷଙ୍କ ଏତଲାକ୍ରମେ ପୋଲିସ ଆହତ ପରିବାରଙ୍କ ବିରୋଧରେ ପୃଥକ୍ ମାମଲା ରୁଜୁ କରିଛି । ଅଭିଯୋଗ ଅନୁସାରେ, ପ୍ରେମାନନ୍ଦଙ୍କ କଖାରୁ (ମାଖନ) ଗଛ ସତ୍ୟନାରାୟଣଙ୍କ ଘର ବାଡ଼ିପଟକୁ ଲମ୍ବିଥିଲା। ତାକୁ କେନ୍ଦ୍ର କରି ସତ୍ୟନାରାୟଣ, ଖୁସିରାମ ଏବଂ ନୀଳମାଧବ ପ୍ରେମାନନ୍ଦଙ୍କ ଘରକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ସେହିପରି ପ୍ରେମାନନ୍ଦଙ୍କ ସ୍ତ୍ରୀ ପୂର୍ଣ୍ଣମାସୀ ଗୁରୁବାର ଗ୍ରାମର ଏକ କିରାନା ଦୋକାନକୁ ଯାଇଥିବାବେଳେ ପୂର୍ବରୁ ଛପି ରହିଥିବା ଉକ୍ତ ବ୍ୟକ୍ତିମାନେ ତାଙ୍କୁ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାହା ଜାଣିପାରି ପ୍ରେମାନନ୍ଦ, ଦେଢ଼ଶୁର କ୍ଷୀରୋଦ୍ର ସେଠାକୁ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ।

# ୬ରୁ ସୁବଳ ସାହୁ ମେମୋରିଆଲ ଫୁଟବଲ

**ବରପାଲି,୪।୧୧(ଡି.ଏନ.ଏ.)**

ଦ୍ୱିତୀୟ ସର୍ବଭାରତୀୟ ସୁବଳ ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସ୍ଥାନୀୟ ଫୁଟବଲ ପଡ଼ିଆଠାରେ ବରପାଲି କ୍ରୀଡା ସଂସଦ ସଭାପତି ଉପଗୁପ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମନ୍ତ୍ରୀ ରୀତା ସାହୁ, ନଗରପାଳ ଦିନେଶ ଗହୀର, ଟୁର୍ନାମେଣ୍ଟ ପରିଚାଳନା ସମ୍ପାଦକ ସୌରଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ସୋନପୁର, କୁଚିଣ୍ଡା, ଭୁବନେଶ୍ୱର, ଭବାନୀପାଟଣା, ସ୍ପୋର୍ଟସ ହଷ୍ଟେଲ, ଫୁଲବାଣୀ, କୋରାପୁଟ, କଲିକତା ଆଦି ୮ଟି ଦଳ ଭାଗ ନେବେ। ଅଶୋକ ପଣ୍ଡା, ରାଘବ ପରିଡ଼ା, ଟିକାୟତ ମହଣ୍ତମ, ସତ୍ୟ ନାରାୟଣ ପ୍ରଧାନ, ଜୟପ୍ରକାଶ ନାୟକ, କିରଣ ମିଶ୍ର, ରିତେଶ ଖଟୁଆ, ରାଜୁ ଜେନା, ହିମାଂଶୁ ସାହୁ, ଶିବୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

# ରେଲ୍‌ୱେ ଓଭର ବ୍ରିଜ୍ ସମ୍ପୂର୍ଣ୍ଣ ଦାବିରେ ମାନବ ଶୃଙ୍ଖଳ

**ବରପାଲି,୪।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲି ରେଲୱେ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦାବି ନେଇ ଶୁକ୍ରବାର ନାଗରିକ ଅଧିକାର ଆନ୍ଦୋଳନ ସଙ୍ଗଠନ ନେତୃତ୍ୱରେ ମାନବ ଶୃଙ୍ଖଳ କରାଯାଇଥିଲା। ଗତ ପ୍ରାୟ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ହେଲା ହାଇସ୍କୁଲ ନିକଟ ରେଲୱେ ଓଭର ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ ତାହା ଅଧାପନ୍ତରିଆ ହୋଇ ପଡ଼ି ରହିଛି । ଏଥିଯୋଗୁ ଟ୍ରାଫିକ ସମସ୍ୟା ସହ ପ୍ରତ୍ୟହ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏହି କାର୍ଯ୍ୟ ତୁରନ୍ତ ଶେଷ କରିବା ଦାବିରେ ନାଗରିକ ଅଧିକାର ସଙ୍ଗଠନ ଦୀର୍ଘ ୭୫ ଦିନ ହେଲା ଆନ୍ଦୋଳନ ଜାରି ରଖିଛି। ଆଜିର ଏହି ମାନବ ଶୃଙ୍ଖଳରେ ଗ୍ରାମାଞ୍ଚଳରୁ ବହୁ ଜନତା ଓ ଚାଷୀଙ୍କ ସହ ବରପାଲିର ଟ୍ୟାକ୍ସି ଡ୍ରାଇଭର ସଂଘ, ଟ୍ୟାକ୍ସି ମାଲିକ ସଂଘ, ମୁସଲିମ ସମାଜ, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, କୋଶଳ ସେନା, ପ୍ରସ୍ତର ଶିଳ୍ପୀ କାରିଗର ସଂଘ ଆଦି ବହୁ ସଙ୍ଗଠନ ସମର୍ଥନ ଜଣାଇ ଆନ୍ଦୋଳନ ରେ ସାମିଲ ହୋଇଥିଲେ। ଚାଷୀ ନେତା ଲିଙ୍ଗରାଜ, ଶିବ ପ୍ରଧାନ, କିଶୋର ଦଫାଦାର, ହର ବନିଆ, ସୁନିଲ ସାହୁ, କମଳେଶ ରାୟ, କିରଣ ପଟ୍ଟନାୟକ, କିଶୋର ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ଜମୁର୍ଦ୍ଦା ୧-୦ ଗୋଲରେ ବିଜୟୀ

**ବରଗଡ଼ ଅଫିସ,୪।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ଉଲବା ଏବଂ ଜମୁର୍ଦ୍ଦା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଜମୁର୍ଦ୍ଦା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଆକାଶ ପ୍ରଧାନ ଗୋଲ ସ୍କୋର କରିଥିଲେ। ଗୋପାଳ ନାୟକ, ଶୁଭମ ପାତ୍ର, ସୁନିଲ ବାଗ, ବଷ୍ଟି ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ବୁଲାଗୋରୁଙ୍କ ସୁରକ୍ଷା ଦାବିରେ ସ୍ମାରକପତ୍ର

**ବରଗଡ଼ ଅଫିସ,୪।୧୧**

ବରଗଡ଼ ସହରରେ ବିଚରଣ କରୁଥିବା ଗୋରୁଗାଈଙ୍କ ସୁରକ୍ଷା ପାଇଁ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଯୁଗ ନିର୍ମାଣ ଟ୍ରଷ୍ଟ, ବରଗଡ଼ ଶାଖା ଦାବି କରିଛି। ଏହି ଦାବିରେ ଶୁକ୍ରବାର ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ସହରରେ ଗୋରୁଗାଈ ଅସୁରକ୍ଷିତ ଭାବେ ବୁଲାବୁଲି କରୁଛନ୍ତି। କିଛି ଆଶ୍ରୟ ନ ପାଇ ରାସ୍ତା ଉପରେ କିମ୍ବା ରାସ୍ତାକଡ଼ରେ ଆଶ୍ରୟ ନେଉଛନ୍ତି। ଫଳରେ ଅନେକ ସମୟରେ ଗାଡ଼ି ଧକ୍କାରେ ଗୋରୁଗାଈ ମୃତାହତ ହେଉଛନ୍ତି। ଏହାସହିତ ସହରରେ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜୁଛି। ଫଳରେ ଏହାର ସ୍ଥାୟୀ ସମାଧାନ ପାଇଁ ୬ଦଫା ଦାବି କରାଯାଇଛି । ପୌର ପରିଷଦ ଦ୍ୱାରା ସଞ୍ଚାଳିତ କାଞ୍ଜି ହାଉସର ସୁପରିଚାଳନା, ଦିବାରାତ୍ର କାଞ୍ଜି ହାଉସ ଖୋଲା ରଖାଯିବା ସହିତ ଜଣେ ରାତ୍ରି ଜଗୁଆଳି ନିଯୋଜନ, କାଞ୍ଜି ହାଉସରେ ଗୋରୁଗାଈଙ୍କ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା, ସହରରେ ବିଚରଣ କରୁଥିବା ଗୋରୁଗାଈଙ୍କୁ କାଞ୍ଜି ହାଉସକୁ ଅଣାଯାଇ ସୁରକ୍ଷିତ ରଖିବା, ଆନ୍ତଃରାଜ୍ୟ ଗୋଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ, ସହରକୁ ଗୋରୁଗାଈ ନ ଛାଡ଼ିବା ପାଇଁ ସଚେତନତା ଏବଂ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ପଞ୍ଚାନନ ପଣ୍ଡା, ବିମଳ କୁମାର ଦାଶ, ସୁଜିତ ମିଶ୍ର, ଶିବାନନ୍ଦ ମଟାରୀ, ସର୍ଦ୍ଦାର ପ୍ରୀତମ ସିଂ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଗୋରୁଙ୍କ ସୁରକ୍ଷାଦାବିରେ ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

# ପାଇକମାଳରେ ୧୨ ଘଣ୍ଟିଆ ବନ୍ଦ ପାଳନ

**ପାଇକମାଳ, ୪।୧୧(ଡି.ଏନ.ଏ.)**

ପାଇକମାଳକୁ ଏନ୍‌ଏସି ଘୋଷଣା, ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି କରିବା, ୧୩୨/୩୩ କେଭି ଗ୍ରୀଡ୍ ସ୍ଥାପନ, ଜେଏମ୍‌ଏଫ୍‌ସି କୋର୍ଟ ଶୀଘ୍ର ଖୋଲିବା ଓ ପଦ୍ମପୁରକୁ ଜିଲା ଘୋଷଣା କରିବା ଦାବି କରି ଶୁକ୍ରବାର ୧୨ ଘଣ୍ଟିଆ ପାଇକମାଳ ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କରାଯାଇଥିଲା। ଏହି କ୍ରମରେ ସ୍ଥାନୀୟ ନାଗରିକ କମିଟି ଓ ବଣିକ ସଂଘର ସଭ୍ୟମାନେ ପିକେଟିଂ କରି ପାଇକମାଳ ମୁଖ୍ୟଛକରେ ଥିବା ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ ବନ୍ଦ କରାଇଥିଲେ। ଏ ନେଇ ପାଇକମାଳ ନାଗରିକ କମିଟି ଓ ବଣିକ ସଂଘର କର୍ମକର୍ତ୍ତା ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିନୋଦ କାଲିଆ, ନୀଳମଣି ପଣ୍ଡା, ସୁବ୍ରତ ସାହୁ, ସୁଶାନ୍ତ ନାଗ, ଗୋବର୍ଦ୍ଧନ ଅଗ୍ରୱାଲ, ଯୁଗଳ ମେହେର, ନବିନ ଅଗ୍ରୱାଲ, ଆକାଶ ପାଣିଗ୍ରାହୀ, ରୋଶନ ପାଣିଗ୍ରାହୀ, କମଳେଶ ଅଗ୍ରୱାଲ ପ୍ରମୁଖ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।





କମିଟି କର୍ମକର୍ତ୍ତାମାନେ ପିକେଟିଂ କରି ବନ୍ଦ କରୁଛନ୍ତି।

